### ଅବ୍ୟବସ୍ଥାରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟସେବାକୁ ନେଇ ଅସନ୍ତୋଷ

- ବିରାଟ ଆନ୍ଦୋଳନ ପାଇଁ ସଜବାଜ
- ପରିଚାଳନାଗତ ତ୍ରୁଟି ବିରୋଧରେ ଜନ ଆକ୍ରୋଶ



**ବଲାଙ୍ଗିର, ୨୪ ।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଉଦଘାଟନ ହେବା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅସ୍ଥାୟୀ ରୂପେ କଲେଜ ହସ୍ପିଟାଲରେ ପରିଣତ କରାଯାଇଛି। ସ୍ଥାୟୀ କଲେଜ ହସ୍ପିଟାଲ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସେଠାକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବା ପାଇଁ ୭ ବର୍ଷରୁ ଅଧିକ ସମୟ ଲାଗିଗଲା। ଏହି ସ୍ଥାନାନ୍ତର ପ୍ରକ୍ରିୟା ଫଳରେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତ ସମ୍ପୂର୍ଣ୍ଣ ବ୍ୟବସ୍ଥାଶୂନ୍ୟ ହୋଇପଡ଼ିଛି; କିନ୍ତୁ ନୂତନ କଲେଜ ହସ୍ପିଟାଲର ବ୍ୟବସ୍ଥା ମଧ ନ କହିବା ଭଲ। ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବର୍ତ୍ତମାନ ବ୍ୟାପକ ଅବ୍ୟବସ୍ଥାରେ ଚାଲିଛି। ଏଥିଯୋଗୁଁ ଦୈନନ୍ଦିନ ଏଠାକୁ ଆସୁଥିବା ରୋଗୀ ହଇରାଣ ହରକତ ହେଉଛନ୍ତି। ଏଠି ମୃତ୍ୟୁହାର ମଧ ବଢ଼ିବାରେ ଲାଗିଲାଣି। ଡାକ୍ତରଙ୍କ ଘୋର ଅଭାବ ରହିଥିବା ବେଳେ ଏଠି ସାଧାରଣ କର୍ମଚାରୀ, ସିକ୍ୟୁରିଟି ଗାର୍ଡ ବର୍ତ୍ତମାନ ଚିକିତ୍ସା ଭାର ଉଠାଉଛନ୍ତି। ହସ୍ପିଟାଲ୍ ଅଧିକାରୀମାନଙ୍କ ପରିଚାଳନାଗତ ତ୍ରୁଟି ଏଠି ବାରି ହୋଇ ପଡୁଛି। ଜିଲ୍ଲାର ଜନ ପ୍ରତିନିଧିମାନଙ୍କ ନିୟମିତ ସମୀକ୍ଷା ବୈଠକ ଅଭାବ, ହସ୍ପିଟାଲ ପରଦର୍ଶନ ଓ ହସ୍ତକ୍ଷେପ ନ କରିବା ଯୋଗୁଁ ଅଧିକାରୀଙ୍କ ମନମାନି ଏଠି ଚାଲୁଛି। ସ୍ୱାସ୍ଥ୍ୟ ସେବା ଭଳି ଏକ ଜରୁରକାଳୀନ ସେବାରେ ବ୍ୟାପକ ଅବ୍ୟବସ୍ଥାରେ ସୁଧାର ନିମନ୍ତେ ବିଗତ ଦିନରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଧିକ୍ଷକ, ଜିଲ୍ଲାପାଳ ତଥା ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ନିବେଦନ ଜଣାଇଥିଲା, କିନ୍ତୁ ସ୍ଥିତି ଯଥା ପୂର୍ବଂ ତଥା ପରଂ ରହିଛି। ଓଡ଼ିଶା ସରକାରରେ ଉପ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରୁ ରହିଥିବା ବେଳେ ନିଜ ଜିଲ୍ଲାର ଏହିଭଳି ସମ୍ବେଦନଶୀଳ ବିଷୟ ପ୍ରତି କାହାରି ଦୃଷ୍ଟି ନ ପଡ଼ିବା ଏବଂ ହସ୍ପିଟାଲ ଭଳି ମୌଳିକ ସେବାରେ ଏହିଭଳି ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ବଲାଙ୍ଗିରରେ ଜନ ଆକ୍ରୋଶ ମୁଣ୍ଡ ଟେକିଲାଣି। ସ୍ଥାନୀୟ ଯାଦବ ଭବନଠାରେ ଏ ସଂକ୍ରାନ୍ତରେ ଏକ ଆଲୋଚନା ବୈଠକ ବଲାଙ୍ଗିର ସ୍ୱେଚ୍ଛାସବୀ ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଲିଙ୍କନ ସେଠ୍‌ଙ୍କ ଅଧକ୍ଷତାରେ ଏହି ବୈଠକରେ ଅସୁବିଧା ଭୋଗି ସାରିଥିବା ତଥା ହସ୍ପିଟାଲ ଅବ୍ୟବସ୍ଥା ଯୋଗୁଁ ନିଜର ଆତ୍ମୀୟଙ୍କୁ ହରାଇଥିବା ଅନେକ ରୋଗୀ ସମ୍ପର୍କୀୟ, ବିଭିନ୍ନ ସାମାଜିକକର୍ମୀ, ବୁଦ୍ଧିଜୀବୀ ଓ ମହିଳା ସାମିଲ ହୋଇ ନୂତନ ହସ୍ପିଟାଲରେ ନିଜ ନିଜ ବ୍ୟକ୍ତିଗତ ଅନୁଭୂତି ବଖାଣିବା ସହିତ ଆକ୍ରୋଶ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଚେତେଇବା ପାଇଁ ଏକ ବିରାଟ ଆନ୍ଦୋଳନ ପାଇଁ ଏହି ବୈଠକରେ ମତ ପ୍ରକାଶ ପାଇଛି। ଶେଷରେ ସଭାପତି ଉତ୍ତମ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖପ୍ରାଖୋଲରେ ଜନଗଣନା ସମ୍ପର୍କିତ ତାଲିମ




**ଖପ୍ରାଖୋଲ, ୨୪ ।୩(ସମିସ):** ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜନଗଣନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟଙ୍କ ଅଧକ୍ଷତାରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ସତ୍ୟବ୍ରତ ବେହେରା, ପ୍ରଦୀପ କୁମ୍ଭାର, ଅଜିତ ବାରିକ, ସଞ୍ଜୀବ କୁମାର ମେହେର ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ। ଅପ୍ରେଲ ୧୫ରୁ ମେ ୧୫ ତାରିଖ ମଧରେ ଏକ ମାସ ମଧରେ ଗୃହ ତାଲିକା ଅଭିଯାନ,




ଜନ ଗଣନା ଆଦି ଡିଜିଟାଲ୍ ଭାବେ ହେବ। ଏହି ତାଲିମ୍ ଶିବିରରେ ଗଣନାକାରୀ ତଦାରଖକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ୪ଟି ବ୍ୟାଚକୁ ୨ଟି ପର୍ଯ୍ୟାୟରେ ୩ଦିନ ଲେଖାଏଁ ତାଲିମ୍ ପ୍ରଦାନ କରାଯିବ। ବ୍ଲକର ୧୩୩ଟି ରାଜସ୍ୱ ଗାଁରେ ୨୫୬ ଜନ ଗଣନାକାରୀ ଓ ତଦାରଖକାରୀ ଭାବେ ଶିକ୍ଷକମାନେ କାର୍ଯ୍ୟ ସମ୍ପାଦନ କରିବେ।

## ବାସୁଦେବ ଝାଙ୍କର ହତ୍ୟା ମାଲାରେ ଜଣେ ଗିରଫ

**ବୌଦ୍ଧ, ୨୪ ।୩(ସମିସ):** ବୌଦ୍ଧ ଥାନା କାଶଲପୁରରେ ମାର୍ଚ୍ଚ ୮ ତାରିଖ ଦିନ ମୁଣ୍ଡାପଡ଼ାର ବାସୁଦେବ ଝାଙ୍କର ହତ୍ୟା ମାମଲାରେ ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କାଶଲପୁର ଗ୍ରାମର ଆକାଶ ଗୁରୁ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ନାବାଳକ ମଧ ଧରା ପଡ଼ିଛି। ହତ୍ୟାକାଣ୍ଡରେ ବ୍ୟବହୃତ ୨ଟି ବାଇକ୍, ୨ଟି ମୋବାଇଲ୍ ଫୋନ, ଗୋଟିଏ ଠେଙ୍ଗା, ଗୋଟିଏ ଦେଶୀ ପିସ୍ତଲ ମଧ ଜବତ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମଙ୍ଗଳବାର ଏସ୍‌ପି ରାହୁଲ୍ ଗୋୟଲ ଏହି ସୂଚନା ଦେଇଛନ୍ତି। ବ୍ରାହ୍ମଣୀପାଲି ପଞ୍ଚାୟତ ବକପାଲି ଗ୍ରାମରୁ ଏକ ବରଯାତ୍ରୀ ଦଳ କାଶଲପୁର ଗ୍ରାମକୁ ଆସିଥିଲେ। ରାତିରେ ବରଯାତ୍ରୀ ଦଳରେ ଆସିଥିବା ମୁଣ୍ଡାପଡ଼ା ଗ୍ରାମର ବାସୁଦେବ ଝାଙ୍କର ଓ ଶାନ୍ତନୁ ଝାଙ୍କର ନାମକ ଦୁଇ ଯୁବକଙ୍କୁ ଗ୍ରାମର ବିଦ୍ୟାଳୟ ନିକଟରେ ଦୁର୍ବୃତ୍ତ ଆକ୍ରମଣ କରି ଫେରାର ମାରିଥିଲେ। ଘଟଣା ସ୍ଥଳରେ ବାସୁଦେବଙ୍କ ମୃତ୍ୟୁ ଘଟିଥିଲା। ଶାନ୍ତନୁ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ବାସୁଦେବଙ୍କୁ ମୃତ ଘୋଷଣା କରି ଶାନ୍ତନୁଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ।

### ଠିକାସଂସ୍ଥା କର୍ମଚାରୀଙ୍କ ମନମାନୀ

## ପୋତିଦେଲେ ଦୁଇ ଏକର ମୁଗ ଚାଷ

**ପାଟଣାଗଡ଼, ୨୪ ।୩(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅଧୀନସ୍ଥ ଦୈତାରୀମୁଣ୍ଡା ଗଏଲପିଟା ଚେକ୍ ଡ୍ୟାମରୁ ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ପିଛା କାମ ଚାଲିଛି। ସରକାରଙ୍କ ଓସିସିଏଲ ବିଭାଗ ଅଧୀନରେ ଏକ ଠିକା ସଂସ୍ଥା ଜରିଆରେ ଏହି କାମ ଚାଲିଛି। ଏହି କାମ ବର୍ତ୍ତମାନ ଦେଉଳଗାଁ ପଞ୍ଚାୟତ ଘୁମେର ଗାଁ ପର୍ଯ୍ୟନ୍ତ ପହଞ୍ଚିଛି। ଘୁମେର ଗାଁ ରୁ ଘସିଏନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଠିକା ସଂସ୍ଥା ଦ୍ୱାରା ଖୋଳାଯାଇଥିବା ଗର୍ତ୍ତରେ ଠିକ୍ ଭାବେ ମାଟି ପୋତାଯାଇ ନ ଥିବାରୁ ସୋମବାର ସେହି ରାସ୍ତାରେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ଉକ୍ତ ଗର୍ତ୍ତରେ ଧସିଯାଇ ଥିଲା।

ଅନ୍ୟପଟେ ପାଇପ ବିଛାଇବା ପାଇଁ ଖୋଳାଯାଇଥିବା ମାଟିକୁ ଘୁମେର ଗାଁର ତିନି ଚାଷୀଙ୍କ ଦୁଇ ଏକର ଜମିରେ ହାଇଥିବା ମୁଗ ଚାଷ ଉପରେ ପକାଇ ଦିଆଯାଇଛି। ଫଳରେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବସନ୍ତ ସାହୁଙ୍କ ଗୋଟିଏ ଏକର, ରାମକୃଷ୍ଣ ସାହୁଙ୍କ ଅଧା ଏକର ଓ ସୁଧୀର ସାହୁଙ୍କ ଅଧା ଏକର ମୁଗ ଚାଷ ମାଟି ଯୋଗୁଁ ନଷ୍ଟ ହୋଇଯାଇଛି। ଠିକା ସଂସ୍ଥା ଆମ ପେଟପାଟଣା ଉପରେ ଲାତ ମାରିଛି, ବହୁ କଷ୍ଟରେ ମୁଗ ଚାଷ କରିଥିଲୁ, ଏକର ପିଛା ତିରିଶ ହଜାର ଟଙ୍କା ଖର୍ଚ୍ଚ ହୋଇଛି, ମୁଗ ଉତ୍ପାଦନ ହୋଇଥିଲେ ଆମ ପରିବାର ପେଟପାଟଣା ଚଳିଥାନ୍ତା। ନଷ୍ଟ ହୋଇଥିବା ଚାଷର ଠିକାସଂସ୍ଥା କ୍ଷତିପୂରଣ ଦେଉ ବୋଲି କ୍ଷୋଭର ସହ କହିଛନ୍ତି କ୍ଷତିଗ୍ରସ୍ତ ଚାଷୀ ବସନ୍ତ ସାହୁ। ଏଥିସହ ଠିକାସଂସ୍ଥା ପାଇପ ବିଛା କାମ ସମ୍ପୂର୍ଣ୍ଣ ନିମ୍ନମାନର କାମ କରୁଥିବା ଅଭିଯୋଗ ଉଠିଛି। ପାଇପ ବିଛା ଯାଉଥିବା ବିଭିନ୍ନ ସ୍ଥାନରେ ଚାଷୀଙ୍କୁ ନ ଜଣାଇ ମାଟି ପକାଇଦିଆଯାଉଛି। ଫଳରେ ଅଞ୍ଚଳର ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କୁ ଅବଗତ କରିବାରୁ ଚାଷୀଙ୍କୁ କହନ୍ତୁ ଲିଖିତ ଅଭିଯୋଗ କରିବେ; ତା ପରେ ଦେଖିବା ବୋଲି କହିଥିଲେ। ଏ ଘଟଣାରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ନଷ୍ଟ ହୋଇଥିବା ଚାଷ ଉଚିତ କ୍ଷତିପୂରଣ ସହ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚାଷୀମାନେ ଦାବି କରିଛନ୍ତି।

## ମଣ୍ଡଳକୁ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା ଦାବି

**ବେଲପଡ଼ା, ୨୪ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲ ର ବରପୁତ୍ର ଐତିହ୍ୟ ଗାଁ ହେଉଛି ମଣ୍ଡଳ। ସଦର ବ୍ଲକଠାରୁ ପୂର୍ବକୁ ୫କିମି ଦୂରରେ ଅବସ୍ଥିତ ଏହି ଗାଁର ଅନେକ କିମ୍ବଦନ୍ତୀ ରହିଛି। ୫ ହଜାର ବିଶିଷ୍ଟ ଏହି ଗାଁରେ ଅନେକ ବିଦ୍ୱାନ ବ୍ୟକ୍ତି ଜନ୍ମ ଗ୍ରହଣ କରିଛନ୍ତି; ଯେଉଁମାନେ ବିଭିନ୍ନ ପଦ ପଦବୀରେ ରହି ସ୍ଥାନୀୟ ଅଞ୍ଚଳ ତଥା ଓଡ଼ିଶାର ଉନ୍ନତି ଦିଗରେ ଅନେକ କାମ କରିଛନ୍ତି। ଗାଁର ୪ ଜଣ ବ୍ୟକ୍ତି ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ବିଧାୟକ ଭାବେ ଅଞ୍ଚଳର ବିଭିନ୍ନ ବିକାଶ କାର୍ଯ୍ୟକୁ ଆଗକୁ ନେଇଛନ୍ତି। ସେମାନଙ୍କ ମାଧରେ ଅଭୟ ପ୍ରସାଦ ଠାକୁର ମହାରାଜ ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କ ଶାସନ କାଳରେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅଚ୍ୟୁତାନନ୍ଦ ମହନନ୍ଦ ମଧ୍ୟ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ୫ଥର ନିର୍ବାଚିତ ହୋଇ ଲୋକଙ୍କ କାମ କରିଛନ୍ତି। ସେହିପରି ବ୍ରଜ ମହନ ଠାକୁର ମଧ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହୃଷିକେଶ ମହନନ୍ଦ ବଲାଙ୍ଗୀର ଲୋକସଭା ଆସନରୁ ନିର୍ବାଚିତ ହୋଇ ଓଡ଼ିଶା ପାଇଁ ଲଢେଇ କରିଥିଲେ। ଏଣୁ ମଣ୍ଡଳ ଗାଁକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ଘୋଷଣା କରି ବିକାଶରେ ସାମିଲ କରିବାକୁ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସହିଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ଫାଶୀ ଦିବସ ପାଳିତ

**ବଲାଙ୍ଗିର, ୨୪ ।୩(ସମିସ):** ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ମହାନ୍ ବିପ୍ଳବୀ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ୯୬ତମ ଫାଶୀ ଦିବସ ଆଜି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ




ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ସଂଗଠନର ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭଗତ ସିଂ ଓ ତାଙ୍କ ସାଥୀମାନେ କେବଳ ଦେଶର ସ୍ୱାଧୀନତା ପାଇଁ ନୁହେଁ ବରଂ ଶୋଷଣମୁକ୍ତ ସମାଜ ଗଠନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେମାନଙ୍କର ବିପ୍ଳବୀ ସଂଗ୍ରାମ ଆଜିର ଛାତ୍ରଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ। ଏଆଇଡିଏସଓ ପକ୍ଷରୁ ଛାତ୍ର ସମାଜକୁ ଆହ୍ୱାନ ଦିଆଯାଇଥିଲା କି, ସହିଦଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଏବଂ ଶିକ୍ଷା ଓ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଏକଜୁଟ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ସୁନୀଲ କୁମାର ଭୋଇ, ଜିଲ୍ଲା ସମ୍ପାଦିକା ଗୌରୀ ରାଉତ, ଉପସଭାପତି ଅହଲ୍ୟା ସାହୁଙ୍କ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବେଲପଡ଼ା କଲେଜ ଓଡ଼ିଆ ବିଭାଗର ବିଦାୟ ସମ୍ବର୍ଦ୍ଧନା

**ବେଲପଡ଼ା, ୨୪ ।୩(ସମିସ):** ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଦିଆଯାଇଛି। ବିଭାଗ ମୁଖ୍ୟ ମନୋଜ ମହାଖୁଡ଼ଙ୍କ ପୌରୋହିତ୍ୟରେ ଅଧକ୍ଷ ତନ୍ମୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଇଂରାଜୀ ବିଭାଗର ପ୍ରାଧ୍ୟାପକ ଦୁର୍ବାଦଳ ଗିଭେଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଇତିହାସ ବିଭାଗ ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଓଡ଼ିଆ ଅଧ୍ୟାପକ ପ୍ରମୋଦ ବରିହା ସଂକ୍ଷିପ୍ତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟାପକ ବ୍ରଜ ମୋହନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋୟରଇନ୍ଦ୍ର ପ୍ରକଳ୍ପରେ ମାଛ ଓ ଚିଙ୍ଗୁଡ଼ି ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ

**ନୂଆପଡ଼ା, ୨୪ ।୩(ସମିସ):** ନୂଆପଡ଼ା ଜିଲ୍ଲାରେ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ନବଗଠିତ ମା'ଇନ୍ଦ୍ରାଦେଇ ବହୁମୁଖୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଲିମିଟେଡ୍, ପେଣ୍ଡ୍ରାବନ୍ଧ ମାଧ୍ୟମରେ ମାଛ ଆଙ୍ଗୁଳିକା



ଓ ଚିଙ୍ଗୁଡ଼ି ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୁଦନ ଦାଶ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଖଡିଆଳ, କୋମନା ଓ ବୋଡେନ ବ୍ଲକର ବିଡିଓ, ପଞ୍ଚାୟତ ସମିତି ଖଡିଆଳ ଓ କୋମନା ବ୍ଲକ ଅଧକ୍ଷା ମାନେ ଏବଂ ଖଡ଼ିଆଳ ବିଧାୟକଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ସଦସ୍ୟମାନେ ଲୋୟରଇନ୍ଦ୍ର ପ୍ରକଳ୍ପର ବୋଲଧା, କୋଟାମାଲ, ବିରୁନପଦର, ପେଣ୍ଡ୍ରାବନ୍ଧ ବ୍ରିଜ, ବେଲଗାଁ ଓ ହରିପୁରର ମିଳିତ ୬ଟି ବିଭିନ୍ନ ଅଞ୍ଚଳରେ ମାଛ ଅଙ୍ଗୁଳିକା ଓ ଚିଙ୍ଗୁଡ଼ି ଯାଆଁଳା ଛାଡ଼ିବା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ୭ଜଣ ପ୍ରବାସୀ ଶ୍ରମିକଙ୍କୁ ମାଛ ଧରିବା ଜାଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମିତି ଗଠନ ପରେ ସେମାନେ ଅନ୍ୟ ରାଜ୍ୟକୁ ପ୍ରବାସ ଯିବା ବନ୍ଦକରି ସ୍ଥାନୀୟ ଭାବେ ମତ୍ସ୍ୟଚାଷ ମାଧ୍ୟମରେ ନିଜ ଜୀବିକା ଉନ୍ନତ କରୁଛନ୍ତି ବୋଲି ସୂଚନା ମିଳିଛି। ଏହା କେବଳ ଏକମାତ୍ର ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ ନୁହେଁ, ଭବିଷ୍ୟତରେ ଅନେକ ପର୍ଯ୍ୟାୟରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳା ଗଚ୍ଛିତ ଓ ଅଭିବୃଦ୍ଧି କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ଆସନ୍ତା ବର୍ଷମାନଙ୍କରେ ନୂତନ ପ୍ରଯୁକ୍ତି ବିଦ୍ୟା ଆପଣେଇ ଜଳାଶୟର ସର୍ବାଧିକ ବ୍ୟବହାର କରାଯାଇ ମାଛ ଉତ୍ପାଦନ ବୃଦ୍ଧି କରାଯିବ ବୋଲି କହିଛନ୍ତି।

## ମାଁ ବୁଢ଼ାଡଙ୍ଗରଙ୍କ ଚୈତ୍ର ଯାତ୍ରା ସମ୍ପନ୍ନ

**କେସିଙ୍ଗା, ୨୪ ।୩(ସମିସ):** କେସିଙ୍ଗା ଧର୍ମନଗରୀର ଇଷ୍ଟଦେବୀ ମାଁ ବୁଢ଼ାଡଙ୍ଗରଙ୍କ ଚୈତ୍ର ଯାତ୍ରା ମଙ୍ଗଳବାର ଦିନ ଭକ୍ତିମୟ ପରିବେଶ ଓ ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଆସ୍ଥା ବିଶ୍ୱାସର ଅନ୍ୟ ନାମ ମାଁ ବୁଢ଼ା ଡଙ୍ଗରଙ୍କ ଚୈତ୍ର ଯାତ୍ରା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ମାନସିକ ପୂରଣ ହୋଇଥିବା ଭକ୍ତମାନେ ମାଁଙ୍କ ପୀଠରେ ବୋଦା ବଳି ଭାବରେ ଛେଳି, ମେଣ୍ଢା, କୁକୁଡା, ପାରା ବଳି ଦେଇ ମାଁଙ୍କ ଆର୍ଶୀବାଦ ଗ୍ରହଣ କରିଥିଲେ।



# ସହିଦ ଦିବସ ଉପଲକ୍ଷେ ଶ୍ରମଦାନ

**ବଲାଙ୍ଗିର, ୨୪ ।୩(ସମିସ):** ସହିଦ ଦିବସ ଉପଲକ୍ଷେ ଟିଟଲାଗଡ଼ ବ୍ଲକ ନାରେନ ପଞ୍ଚାୟତରେ ଦୁଇ ଦିନିଆ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ନାରେନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମବାୟ ସମିତି ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ କରାଯାଇଥିଲା। ମାଁ ବୀଣାପାଣି ପାଠାଗାରର ସଦସ୍ୟମାନେ ସହଯୋଗ କରିଥିଲେ। ପରେ ପରେ ସହିଦ ଦିବସ ଉପଲକ୍ଷେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ହାଇସ୍କୁଲ ନାରେନର ଛାତ୍ର ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାଁ ବୀଣାପାଣି ପାଠାଗାର ନାରେନର ସଭ୍ୟ ସଭ୍ୟା ବୃନ୍ଦ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାରେନ ପଞ୍ଚାୟତ ହାଇସ୍କୁଲ ଶିକ୍ଷକ ବ୍ରହ୍ମାନନ୍ଦ ପୋହାଣ, ପୂର୍ବତନ ପ୍ରଧାନଶିକ୍ଷକ କର୍ଣ୍ଣ ଭୋଇ, ପୂର୍ବତନ ସମିତି ସଭ୍ୟ ଟଙ୍କଧର ବଗର୍ତ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ପାଠାଗାର ସମ୍ପାଦକ ଅଶୋକ କୁମାର ସାହୁ ପରିଚାଳନା କରିଥିଲେ। ପାଠାଗାରର ଉପସଭାପତି ତେନଜିଂ ରଣା, ସଭ୍ୟ ପ୍ରସନ୍ନ ରଣା, ରସିକ ଜାନି, ଗରୁଡଧ୍ୱଜ ସାହୁ, ଲିଙ୍ଗରାଜ ବାଣୁଆ, ଅଶୋକ ରଣା ସହେଯାଗ କରିଥିଲେ। ସଭାପତି ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।




# ପରିବେଶ ସୁରକ୍ଷାରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଦେଓଗାଁ, ୨୪।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍)ର ଆୟୋଜନ କ୍ରମେ ୟୁଥ୍ ଫର୍ ନେଚର୍ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ସଭାପତିତ୍ୱ କରିଥିବାବେଳେ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ପରିଚାଳନା କରିଥିଲେ। ପରିବେଶ ସନ୍ତୁଳନ ବା ସୁରକ୍ଷାରେ ଯୁବ ସମାଜର ଭୂମିକା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ପରିବେଶ ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ଅଧକ୍ଷ ପ୍ରଧାନୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର ଯୋଗଦେଇ ଭକ୍ତି ଓ ଭୟ ସୃଷ୍ଟି ହେଲେ ପରିବେଶ ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ପରିବେଶ ସନ୍ତୁଳନ ପାଇଁ ଯୁବ ସମାଜ ସଚେତନ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫରେଷ୍ଟର ଚିତ୍ତରଞ୍ଜନ ଖମାରୀ ଯୋଗଦେଇ ଜଙ୍ଗଲ ନଷ୍ଟ ଦ୍ୱାରା ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋକପାତ କରିଥିଲେ। ଏଫଇଏସର ଜିଲ୍ଲା ସଂଯୋଜକ ସୁଜିତ ଶତପଥୀ ଓ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ବିଭିନ୍ନ ଉପାଦେୟତା ତଥା ଜୈବିକ ସାର ଓ ଅର୍କ ପ୍ରସ୍ତୁତି ବିଷୟରେ ଧାରଣା ପ୍ରଦାନ କରିଥିଲେ। ପରିଶେଷରେ ସଂସ୍କୃତ ଅଧ୍ୟାପକ ଆଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଜୟ ବଜରଙ୍ଗବଳୀ କପ୍ କ୍ରିକେଟ୍ ଟୁର୍ଣ୍ଣାମଣ୍ଟ ଉଦ୍‌ଯାପିତ

# ବଡଗୁର୍ଜିଭଟା ଚାମ୍ପିଅନ

**ଖପ୍ରାଖୋଲ, ୨୪ ।୩(ସମିସ)**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ବଡ ଗୁର୍ଜିଭଟାରେ ଜୟ ବଜରଙ୍ଗ ବଳୀ କ୍ରିକେଟ୍ କ୍ଲବ୍ ତରଫରୁ ଆୟୋଜିତ ବଜରଙ୍ଗ ବଳୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ ମହୁରୁଣ୍ଡି ଓ ବଡ଼ଗୁର୍ଜିଭଟା ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ମହୁରୁଣ୍ଡି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବେଳେ ୧୨ ଓଭରରେ ୮ ୱିକେଟ୍ ହରାଇ ୭୫ ରନ୍ ସଂଗ୍ରହ କରିଥିଲେ। ଏହାର୍ ଜବାବ୍‌ରେ ବଡ଼ ଗୁର୍ଜିଭଟା ଦଳ ୭ ଓଭରରେ ଗୋଟିଏ ୱିକେଟ୍ ହରାଇ ୭୮ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ସୁନୀଲ ନନ୍ଦ ଓ ରାଜେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିବା ବେଳେ ବିଜୁ ସୁନା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ପରିଚାଳକ ହରିବୋଲ ପୋଢ଼ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ପଦ୍ମ କୁମାର ସିଂ ବରିହା, ଏସିଏଫ୍ ଅରବିନ୍ଦ ନାଏକ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଖପ୍ରାଖୋଲ ହରିଶଙ୍କର ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ, ସାମାଜିକ କର୍ମୀ ସତ୍ୟାନନ୍ଦ ସେଦ୍ରିଆ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୧୩ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।



# ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ ଗାଁ 'କେଲୁଆ'

## ଖଣିଜ ସମ୍ପଦ ମଧ୍ୟରେ ଅବହେଳିତ ଜୀବନ

ଥୁଆମୂଳରାମପୁର,୨୪ ।୩(ସମିସ)

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ବ୍ଲକ୍ ନାକ୍ରୁଣ୍ଡି ପଞ୍ଚାୟତର ଅତି ଦୁର୍ଗମ ଇଲାକା ଭାବେ ପରିଚିତ କେଲୁଆ ଗାଁ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ପ୍ରାୟ ୬୦ଘର ଆଦିବାସୀ ପରିବାର ବସବାସ କରୁଥିବା ଗାଁଟି ବ୍ଲକ୍ ସଦର ମହକୁମାଠାରୁ ପ୍ରାୟ ୬୦ ଏବଂ ପଞ୍ଚାୟତ ମୁଖ୍ୟାଳୟ ଠାରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ଥିବା ବେଳେ ଚାରିପଟେ ବକ୍ସାଇଟ ଭରା ଖଣିଜ ସମ୍ପଦରେ ପରିପୂର୍ଣ୍ଣ ମାଳି ପର୍ବତ ଘେରି ରହିଛି। ଏତେ ସମ୍ପଦର ମଧ୍ୟରେ ଥିଲେ ମଧ୍ୟ ଗାଁବାସୀଙ୍କ ଜୀବନ ଦୁଃଖଦ ଓ ସଂଘର୍ଷମୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଶୁଦ୍ଧ ପାନୀୟ ଜଳ ଓ ବିଜୁଳି ଭଳି ସର୍ବନିମ୍ନ ମୌଳିକ ସୁବିଧା ସାତସପନ ପାଲଟିଛି। ଗାଁକୁ ପହଞ୍ଚିବା ପାଇଁ ମାଳିପର୍ବତର ଘନ ଜଙ୍ଗଲ ମଧ୍ୟରେ ପ୍ରାୟ ୧୦ କିଲୋମିଟର ପାଦଚଲା ପାହାଡ଼ିଆ ରାସ୍ତା ଅତିକ୍ରମ କରିବାକୁ ପଡେ। ବର୍ଷା ଦିନରେ ରାସ୍ତା ଅତ୍ୟନ୍ତ ବିପଦଜନକ ହୋଇଯାଏ। ଜରୁରୀ ସ୍ୱାସ୍ଥ୍ୟ ସେବା ପାଇଁ ରୋଗୀଙ୍କୁ ଖଟିଆରେ ବୋହି ନେବା ଛଡ଼ା ଅନ୍ୟ ବିକଳ୍ପ ନାହିଁ। ନିର୍ବାଚନ ସମୟରେ ଭୋଟ ଦେବାକୁ ଗ୍ରାମବାସୀଙ୍କୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ମତଦାନ କେନ୍ଦ୍ରକୁ ଯିବାକୁ ପଡିଥାଏ। ଗାଁରେ ପ୍ରାଥମିକ ଶିକ୍ଷା ପାଇଁ ଶିକ୍ଷକ ନିଯୁକ୍ତ ହୋଇଛନ୍ତି କିନ୍ତୁ ବିଦ୍ୟାଳୟ ଘର ଖଣ୍ଡେ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଏହି ଦୁର୍ଗମ ଗାଁରୁ ପ୍ରାୟ ୧୨ଜଣ ଯୁବକ ମାଟ୍ରିକ୍,ଦ୍ୱାଦଶ ଏବଂ ଗ୍ରାଜୁଏଟ୍ ପାଠପଢ଼ା ସମ୍ପୂର୍ଣ୍ଣ କରିଛନ୍ତି। ତନ୍ମଧ୍ୟରୁ ଜଣେ ମାତ୍ର ଯୁବକ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଭାବେ ଚାକିରି ପାଇଛନ୍ତି। ଦୁର୍ଗମ ଅଞ୍ଚଳରେ ରୋଜଗାରର କୌଣସି ସାଧନ ନଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଯାଇ ଦାଦନ ଶ୍ରମିକ ସାଜୁଛନ୍ତି ଗାଁରେ ଅନେକ ମାଟ୍ରିକ ପାସ୍ ବୋହୂ ମଧ୍ୟ ଅଛନ୍ତି, କିନ୍ତୁ ଯଥେଷ୍ଟ ରୋଜଗାର ସୁଯୋଗ ନଥିବାରୁ ସେମାନେ ମଧ୍ୟ ଗୃହସ୍ଥ ଜୀବନରେ ସୀମିତ ହୋଇ ରହିଛନ୍ତି। ଗାଁର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟାଦେଶ ମିଳିଛି। ଯେଉଁଠି ରାସ୍ତା ହିଁ ନାହିଁ ସେଠାକୁ ବାଲି,ସିମେଣ୍ଟ, ଲୁହାଛଡ ଭଳି ଗୃହ ନିର୍ମାଣ ସାମଗ୍ରୀ କେମିତି ପହଞ୍ଚିବ। ଯେଉଁଥିପାଇଁ ଆବାସ ଯୋଜନା ମଧ୍ୟ ସ୍ୱପ୍ନ ହୋଇ ରହିଯାଇଛି। ସରକାର ପକ୍ଷରୁ ଯଥାଶୀଘ୍ର ମୌଳିକ ସୁବିଧା ଯୋଗାଣ ଓ ଗ୍ରାମବାସୀଙ୍କ ମତାମତକୁ ଗୁରୁତ୍ୱ ଦେଇ ସଠିକ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।





## ସମାଜସେବୀଙ୍କ ନିଆରା କର୍ତ୍ତବ୍ୟ

ଗୋଲାମୁଣ୍ଡା,୨୪ ।୩(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅଞ୍ଚଳରେ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ନିଆରା ଢଙ୍ଗରେ ଅଳିଆ ଆବର୍ଜନା ସଫେଇ ଏବଂ ସଚେତନତା ବାର୍ତ୍ତା, ସ୍ୱଚ୍ଛତା କାର୍ଯ୍ୟକ୍ରମ, ଶ୍ରୀରାମ ନବମୀ ଉପଲକ୍ଷେ ସର୍ବମଙ୍ଗଳା ମନ୍ଦିର, ଠାକୁରାଣୀ ମନ୍ଦିର ପାଖରେ ଥିବା ସମସ୍ତ ପ୍ରକାର ଅଳିଆ ଆବର୍ଜନା ସଫା ସୁତୁରା କରି ଥିଲେ। ସେଠାରେ ଥିବା ସମସ୍ତ ଦୋକାନୀ ଓ ଅଞ୍ଚଳବାସୀଙ୍କ ପାଖରେ ସଚେତନତା ପାଇଁ ଓ ସମାଜର ଏକ ପରିବର୍ତ୍ତନ ହେବ ବୋଲି ନିଜର କର୍ତ୍ତବ୍ୟ ପାଳନ କରନ୍ତି। ଶ୍ରୀ ଅଗ୍ରୱାଲ ଜଣେ ଭିନ୍ନ ମଣିଷ, ସେ ଏକାଧାରରେ ସାମ୍ବାଦିକ,ଜଣେ ଆଦର୍ଶ ସଂଗଠକ, ସମାଜସେବୀ,ଲୋକପ୍ରିୟ ତଥା ଉଦାରବାଦୀ ମଣିଷ। ଜନ ସଚେତନତା ସୃଷ୍ଟି କରିବା ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଅସହାୟ ଲୋକଙ୍କ ହକ୍, ଅଧିକାର ପାଇଁ ନିଜ ଜୀବନକୁ ସମାଜ ପାଇଁ ଉତ୍ସର୍ଗୀକୃତ କରି ଦେଇଛନ୍ତି।



● ଦେବଗିରି ମଠରେ ଚୈତ୍ର ନବରାତ୍ର

## ଷଷ୍ଠ ଦିବସରେ ପୂଜା ପାଇଲେ ଦେବୀ କାତ୍ୟାୟନୀ



ଭବାନୀପାଟଣା,୨୪ ।୩(ସମିସ):ଚୈତ୍ର ନବରାତ୍ର ପୂଜାର ଷଷ୍ଠ ଦିବସରେ ଦେବଗିରି ମଠରେ ଉପାସିତ ହୋଇଛନ୍ତି ଦେବୀ କାତ୍ୟାୟନୀ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ବୁଢ଼ାପଦରସ୍ଥିତ ଭଗବତ ସ୍ୱାମୀ ଦେବଗିରି ମଠରେ ଚାଲିଛି ଚୈତ୍ର ନବରାତ୍ର। ସପ୍ତସତୀ ଚଣ୍ଡୀପାଠ ସହ ଚାଲିଛି ଦେବୀ ଆରାଧନା। ମଠର ଗୁମ୍ଫା ମଧ୍ୟସ୍ଥ ମହାମାୟା ଚଣ୍ଡୀଙ୍କ ପିଠରେ ନବରାତ୍ରରେ ନବଗୌରୀ ବା ନବଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇ ଆସୁଛି। ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ରୂପରେ ପୂଜା ପାଉଛନ୍ତି ଜଗଜ୍ଜନନୀ। ସେହିକ୍ରମରେ ମଙ୍ଗଳବାର ଦିନ ପୂଜା ପାଇଛନ୍ତି ଦେବୀ କାତ୍ୟାୟନୀ। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ସନ୍ତୋଷ ପାଢ଼ୀ ନିତି ସଂପାଦନ କରୁଥିବାବେଳେ ସାଧକ ପଣ୍ଡିତ ଶୁକଦେବ ପାଢ଼ୀ ଚଣ୍ଡୀପାଠ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶକ୍ତି ଉପାସନା କ୍ଷେତ୍ରରେ କାତ୍ୟାୟନୀ ହେଉଛନ୍ତି ଶକ୍ତିର ଅବତାର ଦେବୀ। ପ୍ରାଚୀନ ଯୋଗ ଓ ତନ୍ତ୍ର ସାଧନାରେ କାତ୍ୟାୟନୀଙ୍କୁ ଷଷ୍ଠ ଅଜ୍ଞ ଚକ୍ର ବା ତୃତୀୟ ନୟନଚକ୍ର ହିସାବରେ ଗ୍ରହଣ କରି ତାଙ୍କର ଆଶିଷ ଭିକ୍ଷା କରାଯାଇଥାଏ। କାତ୍ୟାୟନୀଙ୍କ ପୂଜାରୁ କୁମାରୀ କନ୍ୟାମାନଙ୍କ ବିବାହ ସମସ୍ୟାର ସମାଧାନ ହୁଏ ବୋଲି ବିଶ୍ୱାସ ରହିଛି। ମା' କାତ୍ୟାୟନୀ ଶକ୍ତି, ସାହସ ଓ ନ୍ୟାୟର ପ୍ରତୀକ। ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଦେବଗିରି ମଠ ରାଜ୍ୟର ଏକ ପ୍ରାଚୀନ ଶକ୍ତିପୀଠ ହୋଇଥିବାରୁ ନବରାତ୍ର ତଥା ଦେବୀଙ୍କ ଏହି ସ୍ୱତନ୍ତ୍ର ପୂଜା ପାଇଁ ଅନେକ ସାଧକ, ଭକ୍ତ ଓ ଶ୍ରଦ୍ଧାଳୁ ସମବେତ ହୋଇଥିବା ଦେଖିବାକୁ ମିଳିଛି।

## ଜୟ କିସାନ ଯୁଥ କ୍ଲବ୍ ପକ୍ଷରୁ ସହିଦ ଦିବସ

ନୂଆପଡ଼ା/କୋମନା,୨୪ ।୩(ସମିସ):ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଜୟ କିସାନ ଯୁଥ କ୍ଲବ୍ ବାହାବଲ ଓ ମେରା ଯୁବା ଭାରତ ନୂଆପଡା ଆନୁକୂଲ୍ୟରେ ସହୀଦ ଦିବସ ପାଳିତ ଯାଇଥାଇଛି। ପ୍ରଥମେ ପେଣ୍ଡରାବନ ସ୍କୁଲରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସହୀଦଙ୍କ ବିଷୟରେ ଆଲୋଚନା କରାଯାଇଥିଲା। ପରେ ଗାଁରେ ପଦଯାତ୍ରାରେ ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ଗାଁ ବିଦ୍ୟାଳୟ, ପଞ୍ଚାୟତ ପରିବେଶକୁ ସ୍ୱଚ୍ଛତା କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ପେଣ୍ଡରାବନ ପଞ୍ଚାୟତ ସରପଞ୍ଚ ଅଧିକାରୀ ବେଣୁଧର ମାଝୀ, ସ୍କୁଲ ଶିକ୍ଷକ ଜଗନ୍ନାଥ ରଣା, ସ୍ୱେଚ୍ଛାସେବୀ ଟିକେଶର ହଂସ ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଲବ ସଦସ୍ୟ ନବୀନ ବାଗ, ଯୋଗୀନ୍ଦ୍ର ବାଗ, ଧର୍ମେନ୍ଦ୍ର ବାଗ, ଉଦ୍ଧବ ପୋଡ଼, ସିମାଞ୍ଚଳ ବାଗ, ଟଙ୍କଧର ପୋଡ଼, ମିନିକେତନ ବାଗ, ଛଡାଚରଣ ନିଆଲ, ବେଦ ପୋଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋ-ଖୋ ବିଭାଗରେ ବ୍ଲକ୍‌ସ୍ତରୀୟ ଚୟନ ଶିବିର

ନୂଆପଡ଼ା,୨୪ ।୩(ସମିସ):ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ତଥା ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ନୂଆପଡାସ୍ଥିତ ପୁଲିସ ପଡିଆ ଏବଂ ରାଜାଏଟି ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଛାତ୍ରାବାସରେ ଦାଖଲ ଲାଗି ଖୋଖୋ ବିଭାଗରେ ବ୍ଲକ୍‌ସ୍ତରୀୟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ୍ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଚୟନ ଶିବିର ପାଇଁ ଚୟନ କରାଯିବ ଏବଂ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଶିବିରରେ ଭାଗ ନେବାପାଇଁ ଆମନ୍ତ୍ରଣ କରାଯିବ।ରାଜ୍ୟସ୍ତରରେ ସଫଳ ଖେଳାଳିଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡା ଛାତ୍ରାବାସରେ ଖାଲି ଥିବା ସିଟରେ ଦାଖଲ କରାଯିବ।ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଥିବା ଛାତ୍ରାବାସରେ ମଧ୍ୟ ରାଜ୍ୟସ୍ତରରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଦାଖଲ ଲାଗି ରାଜ୍ୟ କ୍ରୀଡା ବିଭାଗ ପଦକ୍ଷେପ ନେବେ ବୋଲି ଜଣାପଡିଛି। ଚୟନ ଶିବିରରେ ବରିଷ୍ଠ କ୍ରୀଡ଼ା ଶିକ୍ଷକ ମହତାବ ଆଡ଼ୟୁଆଡ, ସରୋଜ କୁମାର ପ୍ରଧାନ, ରୋହିତ କୁମାର ନାଗ, ସନ୍ତୋଷ କୁମାର ପାଣିଗ୍ରାହୀ, ଶୋଭାରାମ ରାଉତ, ନିରୂପମା ପଟେଲ, ଭରତ ପ୍ରଧାନ ଓ ଅନ୍ୟାନ୍ୟ ଖେଳ ଶିକ୍ଷକମାନେ ସାମିଲ ହୋଇ ଶିବିରକୁ ସମ୍ପାଦନ କରିଥିଲେ। ଆଗାମୀ ୨୫ ତାରିଖ ଦିନ ନୂଆପଡ଼ା ସଦର ମହକୁମାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ଭଲିବଲ ଖେଳ ଲାଗି ଚୟନ ଶିବିରର ଆୟୋଜିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ସୂଚନା ଦେଇଛନ୍ତି। ଉକ୍ତ ଖେଳ ପାଇଁ ପଞ୍ଜୀକରଣ କରିଥିବା ଖେଳାଳି ସକାଳ ୭ଟା ୩୦ ମିନିଟ ସମୟରେ ଶିବିର ସ୍ଥଳକୁ ଆସି ନିଜ ନାମ ଓ ଜନ୍ମ ପ୍ରମାଣ ପତ୍ର ଦାଖଲ କରି ଚୟନ ଶିବିରରେ ଭାଗ ଦେଇ ପାରିବେ ବୋଲି ଆହ୍ୱାନ କରିଛନ୍ତି।

● ମା'ଡୋକରୀ ଲୋକମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ସଂସ୍କୃତି ଓ ପରମ୍ପରାର ପ୍ରାଣକେନ୍ଦ୍ର ହେବ ଟାପରେଙ୍ଗଗଡ

ମ.ରାମପୁର,୨୪ ।୩(ସମିସ): ମାଆ ଡୋକରୀ ଲୋକମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଗାମୀ ଦିନରେ ସଂସ୍କୃତି ଓ ପରମ୍ପରାର ପ୍ରାଣକେନ୍ଦ୍ର ଭାବେ ଟାପରେଙ୍ଗଗଡ ପରିଚିତି ଲାଭ କରିବ, ଏହି ପଲ୍ଲୀ ଗ୍ରାମରେ ଚୈତ୍ର ସମୟରେ ମା' ଡୋକରୀଙ୍କ ପୂଜା ସମୟରେ ପାଳିତ ହେଉଥିବା ଲୋକ ମହୋତ୍ସବର ଅପୂର୍ବ ଖ୍ୟାତି ଆସିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଟାପରେଙ୍ଗଗଡର ଇଷ୍ଟ ଦେବୀ ମା'ଡୋକରୀଙ୍କ କିମ୍ବଦନ୍ତୀ ଓ ଗାଥା ବହନ କରୁଥିବା ଏହି ଉତ୍ସବ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏକ ମହନୀୟ ଉଦ୍ୟମ ବୋଲି ମା' ଡୋକରୀ ଲୋକ ହୋତ୍ସବ ଚତୁର୍ଥ ସନ୍ଧ୍ୟା ସାଂସ୍କୃତିକ ସଭାର ଅତିଥିମାନେ କହିଛନ୍ତି। ଆୟୋଜକ କମିଟିର ସଭାପତି ଯୋଗେନ୍ଦ୍ର ଧରୁଆଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଯୁବ ଶିଳ୍ପପତି ବିଭୁ ପ୍ରସାଦ ସାହୁ ମୁଖ୍ୟବକ୍ତା ବ୍ୟଙ୍ଗ କବି ସୁଶାନ୍ତ ମିଶ୍ର, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଜନୀ କାନ୍ତ ମହାଖୁଡ, ମାଣୀ କେରା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶିବ ଶଙ୍କର କର, ମ,ରାମପୁର ବିଜେପି ମଣ୍ଡଳ ସଭାପତି ତଥା ଦେଢ଼ଶୁଳୀ ପଞ୍ଚାୟତ ସମିତି ସଭ୍ୟ ଯଜ୍ଞ ସେନ ପଣ୍ଡା,ମୋହନ ଗିରି ମଣ୍ଡଳ ସଭାପତି ଖ୍ରୀଷ୍ଟ ଦତ୍ତ ରାଉତ,ଯୋଗେନ୍ଦ୍ର ସେନାପତି, ସହ ସଂପାଦକ ଗୋପାଳ ପାତ୍ର ପ୍ରମୁଖ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ପୂଜାର୍ଚ୍ଚନା ପରେ ପ୍ରତିଦିନ ଭଳି ନୃତ୍ୟ ଉପର ନୂଆ ଗାଆଁର କଳାକାରଙ୍କ ଦ୍ୱାରା କଳାହାଣ୍ଡିର ବୀରବାଦ୍ୟ ଘୁମୁରା ସହ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ କୁମୁରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ କଳାକାରଙ୍କ ଦ୍ୱାରା ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା



ସିନାପାଲି,୨୪ ।୩ (ସମିସ): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ମଙ୍ଗଳବାର ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଅବସରରେ ବିଇଓ ଯତୀନ୍ଦ୍ର ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ସମିତି ସଭ୍ୟ ମନିଷ କୁମାର ପଟେଲ, ମୁଖ୍ୟବକ୍ତା ଭାବରେ ଏବିଇଓ ପ୍ରଦୀପ ପଣ୍ଡା ,ସମ୍ମାନିତ ଅତିଥି ଭାବରେ ବ୍ଲକ୍ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ, ସଂପାଦକ ବାଲାଜୀ ହରିଜନ ଏବଂ ସିଆରସିସି ସଂଘ ସଭାପତି ଜଗଦିଶ ତାଣ୍ଡି ଯୋଗ ଦେଇଥିଲେ। ଦେବପୂଜନ ପରେ ଅତିଥିଙ୍କ ଦ୍ୱାରା ମେଳା ଉଦ୍‌ଘାଟିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ଗୌତମ ମେହେର ଅତିଥି ପରିଚୟ ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମେଳାରେ ବ୍ଲକ୍ ଅନ୍ତର୍ଗତ ସମସ୍ତ ୧୬ଟି କ୍ଲଷ୍ଟର ଭାଗ ନେଇଥିବା ବେଳେ ହାତୀବନ୍ଧା, ଗୋଡାଲ ଓ ସିନାପାଲି କ୍ଲଷ୍ଟର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ ହାଇସ୍କୁଲ ସିନାପାଲିର ଛାତ୍ର ବିକାଶ ମେହେର ପ୍ରଥମ, ସିଙ୍ଘଝର ହାଇସ୍କୁଲର ଉମାକାନ୍ତ ରଣା ଦ୍ୱିତୀୟ ଓ ପିଏମ୍‌ଶ୍ରୀ ହାଇସ୍କୁଲ ସିନାପାଲିର ତୃପ୍ତୀମୟୀ ମେହେର ତୃତୀୟ ହୋଇଥିଲେ। ସିନାପାଲି କ୍ଲଷ୍ଟର ସିଆରସିସି ବଂଶୀଧର ଜଗତ ଧନ୍ୟବାଦ ଦେଇଥିଲେ।

● ଇନ୍ଦ୍ରାବତୀ ମେଗାଲିଫ୍ଟ ଜଳସେଚିତ ଜମିର ପଞ୍ଜୀକରଣ ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଲାଞ୍ଜିଗଡ଼ ବିଧାୟକ

ଜୟପାଟଣା,୨୪ ।୩(ସମିସ): କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ଦ୍ୱାରା ନୂତନ ଭାବେ ଜଳସେଚିତ ହୋଇଥିବା ଚାଷ ଜମିର ଧାନ ବିକ୍ରୟ ପାଇଁ ପଞ୍ଜୀକରଣ ସମସ୍ୟା ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।ଇନ୍ଦ୍ରାବତୀ ମେଗାଲିଫ୍ଟ ପ୍ରକଳ୍ପର ସମ୍ପ୍ରସାରଣ ଯୋଗୁଁ ଜୟପାଟଣା, କୋକସରା ଏବଂ ଧର୍ମଗଡ଼ ବ୍ଲକର ଅନେକ ଗ୍ରାମକୁ ଏବେ ଜଳସେଚନ ସୁବିଧା ମିଳିଛି। ଚାଷୀମାନେ ଚଳିତ ୨୦୨୬ ରବି ଋତୁରେ ଜଳସେଚନ ସୁବିଧା ପାଇ ଧାନ ଚାଷ କରିଛନ୍ତି। କିନ୍ତୁ ସରକାରୀ ଜମି ରେକର୍ଡରେ ଏହି ପ୍ଲଟଗୁଡ଼ିକ ଏବେ ମଧ୍ୟ "ଅଣଜଳସେଚିତ" ଭାବେ ରହିଛି। ଜମି ରେକର୍ଡ ଅପଡେଟ୍ ହୋଇନଥିବାରୁ ଚାଷୀମାନେ ପି-ପାସ ପୋର୍ଟାଲରେ ଧାନ ବିକ୍ରୟ ପାଇଁ ନିଜ ନାମ ପଞ୍ଜୀକରଣ କରିବାରେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ବିଧାୟକ ଶ୍ରୀ ଦିଶାରୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ୨୦୨୨-୨୩ ଏବଂ ୨୦୨୩-୨୪ ବର୍ଷରେ ଏହି ଅଞ୍ଚଳର ଚାଷୀମାନଙ୍କୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଥିଲା। ତେଣୁ ଚଳିତ ବର୍ଷ ମଧ୍ୟ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।ଏହି ସମସ୍ୟାର ସମାଧାନ ହେଲେ ଜୟପାଟଣା ଓ ଆଖପାଖ ଅଞ୍ଚଳର ଶହ ଶହ ଚାଷୀ ସରକାରୀ ମଣ୍ଡିରେ ସୁବିଧାରେ ଧାନ ବିକ୍ରୟ କରିପାରିବେ।

## ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିମନ୍ତ୍ରଣ

ଲାଞ୍ଜିଗଡ଼,୨୪ ।୩(ସମିସ)::ଆସନ୍ତା ଏପ୍ରିଲ ୨ରେ ଆୟୋଜିତ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବ। ଏଥିପାଇଁ ଲାଞ୍ଜିଗଡ଼ ବ୍ଲକ ସ୍ଥିତ ଚମ୍ପାଦେଇପୁର କ୍ଲଷ୍ଟରର ବିଭିନ୍ନ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହେବାକୁ ଥିବା ଶିଶୁମାନଙ୍କ ଅଭିଭାବକଙ୍କୁ ଘରେ ଘରେ ପହଞ୍ଚି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି।ଶିକ୍ଷାନୀତି ୨୦୨୦ ଅନୁସାରେ ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି ଶିଶୁ ବାଟିକା ଶ୍ରେଣୀ। ୫ ବର୍ଷ ରୁ୧୮ ବର୍ଷ ମଧ୍ୟରେ ଥିବା କେହି ଯେମିତି ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ନହୁଅନ୍ତୁ ଏନେଇ ଶିକ୍ଷାନୀତି ଆରମ୍ଭ କରାଯାଇଛି।ଏନେଇ ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେର ସହିତ ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଂଜନ ସାହୁ, ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ସୁନା, ସୁଶାନ୍ତ ମହାରଣା,ଜି ଶଙ୍କର ଦାସ, କାର୍ତ୍ତିକ ସେଠୀ, କ୍ଷୀରସିନ୍ଧୁ ସାହୁ, ରୁନି ସାହୁ, ତୁନି ଲତା ସ୍ୱାଇଁ, ପ୍ରତିମା ସୁନା ବିଶିକେସନ ଦୋରା, ପ୍ରେମ୍ ରାଜ ନାୟକ,ନିତ୍ୟାନନ୍ଦ ସାମଲ, ହରି ଚଣ୍ଡି ପ୍ରମୁଖ ଶିକ୍ଷକ,ଶିକ୍ଷୟିତ୍ରୀ ଗାଁକୁ ଯାଇ ଘରେ ଘରେ ନିମନ୍ତ୍ରଣ ବଣ୍ଟନ କରି ଅଭିଭାବକଙ୍କୁ ଉତ୍ସବରେ ସମ୍ମିଳିତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି। ଖଡିଛୁଆଁ ଓ ପ୍ରବେଶ ଉତ୍ସବରେ ନୂତନ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଭର୍ତ୍ତି ହେବା ସହିତ ଶିକ୍ଷାରମ୍ଭ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତି ଜୋରଦାର ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମେହେର ପ୍ରକାଶ କରିଛନ୍ତି।

## କଳାହାଣ୍ଡି ଯୁବ ଓ ଛାତ୍ର ପରିଷଦ ପକ୍ଷରୁ ବଳିଦାନ ଦିବସ




ଭବାନୀପାଟଣା,୨୪ ।୩ (ସମିସ):ସ୍ୱାଧୀନତା ସଂଗ୍ରାମରେ କୋଟି କୋଟି ସଂଗ୍ରାମୀ ଇଂରେଜମାନଙ୍କ ବିରୋଧରେ ଲଢ଼ି ଲାଠିମାଡ ଖାଇ ଜେଲ୍ ଯାଇଥିଲେ କିନ୍ତୁ ଦେଶର ଗାରିମାକୁ ନତମସ୍ତକ ହେବାକୁ ଦେଇନଥିଲେ। ଯେଉଁ ବୟସର ଯୁବକ ଆଜିକାଲି ପାଶ୍ଚାତ୍ୟ ସଂସ୍କୃତିରେ ମାତିଛନ୍ତି ସେହି ନବୟସରେ କେତେ ଯେ ଯୁବବର୍ଗ ସେତେବେଳେ ଛାତିରେ ଗୁଳି ଖାଇଥିଲେ ଓ ହସିହସି ଫାଶୀ ଖୁଣ୍ଟରେ ଝୁଲି ଶହୀଦ ହୋଇଥିଲେ। ଯାହାଙ୍କ ପ୍ରତିଟି ରକ୍ତବିନ୍ଦୁ ମାତୃଭୂମି ପାଇଁ ସମର୍ପିତ ଥିଲା ସେହି ଅମର ବଳିଦାନୀ ଶହିଦ୍ ଭଗତ ସିଂହ, ଶହିଦ୍ ସୁଖଦେବ ଓ ଶହିଦ୍ ରାଜଗୁରୁଙ୍କ ବଳିଦାନ ଦିବସ ଅବସରରେ କଳାହାଣ୍ଡି ଯୁବ ଓ ଛାତ୍ର ପରିଷଦ ପକ୍ଷରୁ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

ପ୍ରାୟ ଏକ ହଜାର ଯୁବକ ସ୍ଥାନୀୟ ଦୟାନିଧି ଛକରୁ କ୍ୟାଣ୍ଡଲ ଶୋଭାଯାତ୍ରାରେ ବାହାରି ମାଣିକେଶ୍ୱରୀ ଛକ ଗୁରୁଦ୍ୱାରା ପର୍ଯ୍ୟନ୍ତ ଯାଇଥିଲେ। ଗୁରୁଦ୍ୱାରା ଠାରେ ସମସ୍ତେ ଶହୀଦ ଭଗତ ସିଂ, ସୁଖଦେବ ଓ ଶହିଦ୍ ରାଜଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଅବିନାଶ ଠାକୁର, ଯୁବ ନେତା ମନିନ୍ଦ୍ର ମହାନ୍ତି, କାଉନସିଲର ଶିବା ସାହୁ, ମାନସ ସିନ୍ଦୂର, ସୁଖବିନ୍ଦର ସିଂ, ହରଦୀପ ସିଂହ, ନିମସ ତାଣ୍ଡି, ଗଣେଶ ବାଗ, ଭୋଳା ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## କଲମପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି

କଲମପୁର,୨୪ ।୩(ସମିସ):ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର କଲମପୁର ବ୍ଲକ୍ ପରିସରରେ ଆୟୋଜିତ ହୋଇ ଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ସମେତ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ,ପିଡି ଡିଆରଡିଏ ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଲୋକଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିଥିବା ବେଳେ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଶିବିରରେ ୫୯ଟି ବ୍ୟକ୍ତିଗତ,୨୦ଟି ଅନ୍ୟାନ୍ୟ, ସମୁଦାୟ ୭୯ଟି ଆପତ୍ତି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସମସ୍ତ ଆପତ୍ତି ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ଲାଗି ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୧୫ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ପଣ୍ଡିଗାଁ ଗ୍ରାମର ଭିନ୍ନକ୍ଷମ ସନ୍ଧ୍ୟାରାଣୀ ମାଝୀ ଓ ଚକ୍ରଧର ଶବର ଦୁଇଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇ ଥିଲା। ମୃତକ ଆଶା କର୍ମୀ ସ୍ୱର୍ଣ୍ଣଲତା ନାଏକ କୋଭିଡ କାର୍ଯ୍ୟ ତୁଲାଉଥିବା ବେଳେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି,କୋଭିଡ ନିୟମାନୁସାରେ ସହାୟତା ଯୋଗାଇ ଦେବାକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଛି ହେଲେ ମୋ ଗୁହାରି କେହି ଶୁଣୁନାହାନ୍ତି ବୋଲି ମୃତକଙ୍କ ସ୍ୱାମୀ ଲଳିତ ମୋହନ ନାଏକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମ ବିଡ଼ିଓ ବିଜୟ ମାଣ୍ଡାଙ୍ଗିଙ୍କ ତତ୍ତ୍?ାବଧାନରେ ଆୟୋଜିତ ହୋଇଥିବା ବେଳେ ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତି ନାଏକ, ଉପାଧ୍ୟକ୍ଷ ଚିନ୍ତା ମଣି ବେହେରା ଉପସ୍ଥିତ ଥିଲେ, ବ୍ଲକ ବିଭାଗୀୟ ଅଧିକାରୀ ବୈକୁଣ୍ଠ ବାଗ,କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, ସୁମନ୍ତ ଦଣ୍ଡପାଟ,ବିପିଏମ ରିଗାନିୟସ ଏକ୍କା ସମେତ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କଲମପୁର ଥାନାର ସୁରକ୍ଷା କର୍ମୀମାନେ ନିୟୋଜିତ ଥିଲେ।

ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ କୋଠା

## ଛାତ୍ରଛାତ୍ରୀଙ୍କୁ ସ୍କୁଲ ଛାଡ଼ିଲେନି ଅଭିଭାବକ

କୋକସରା,୨୪ ।୩(ସମିସ)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦିର୍ଘ ବର୍ଷରୁ ଅନେକ ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ ଅଭାବ ସାଙ୍ଗକୁ ବିପଦପୂର୍ଣ୍ଣ ଶ୍ରେଣୀ କୋଠରୀ ଯୋଗୁଁ ଛାତ୍ରଛାତ୍ରୀମାନେ ପିଇଓ କ୍ୱାଟର ଓ କଲ୍ୟାଣ ମଣ୍ଡପରେ ପାଠପଢ଼ି ଆସୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟା ସମାଧାନ ନ ହେବାରୁ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅବିଭାବକ ସିଧାସଳଖ ସ୍କୁଲ ପଠାଇବା ବନ୍ଦ କରି ଦେଇଛନ୍ତି। ଯାହାଫଳରେ ମଙ୍ଗଳବାର ଦିନ ବିଦ୍ୟାଳୟକୁ କେହି ଛାତ୍ରଛାତ୍ରୀ ସ୍କୁଲ ଆସି ନଥିବା ଦେଖିବାକୁ ମିଳୁଛି।ଯେପର୍ଯ୍ୟନ୍ତ ନୂତନ ଶ୍ରେଣୀ କୋଠରୀ ନିର୍ମାଣ ନ ହେବ ସେତେ ଦିନ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ଛାଡିବୁ ନାହିଁ ବୋଲି ସ୍କୁଲ ପରିଚାଳନା କମିଟି, ଅବିଭାବକ ଓ ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି। ଏନେଇ ସେମାନେ କୋକସରା ବଡ଼ିଓ ଏବଂ ବିଇଓଙ୍କୁ ସୋମବାର ଦିନ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ୧୯୫୫ ମସିହାରେ ଗଠିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସମୁଦାୟ ୧୬୯ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସେମାନଙ୍କ ଶିକ୍ଷାଦାନ ଲାଗି ଜଣେ ଶିଶୁ ସେବିକା ସହିତ ପଞ୍ଚ ଜଣ ଶିକ୍ଷକ ରହିଛନ୍ତି।ଅନେକ ଦିନ ହେଲା ଶ୍ରେଣୀ କୋଠରୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏନେଇ ସ୍କୁଲ ପରିଚାଳନା କମିଟି, ଛାତ୍ରଛାତ୍ରୀଙ୍କ ଅବିଭାବକ ଓ ଛାତ୍ରଛାତ୍ରୀ ଗତ ୨୦୨୪ ମସିହାରେ ଶ୍ରେଣୀ କୋଠରୀ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରି ଧାରଣାରେ ବସିଥିଲେ।




ସେହି ସମୟରେ ଦୁଇଦିନ ପରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ବୁଝାସୁଝା କରିବା ପରେ ଆନ୍ଦୋଳନରୁ ଓହରିଥିଲେ। କିନ୍ତୁ ଅନେକ ଦିନ ବିତି ଯାଇଥିଲେ ମଧ୍ୟ କେହି ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେଉ ନାହାନ୍ତି। କେବଳ ଜାଗା ଚିହ୍ନଟରେ ସିମିତି ରହି ଯାଇଛି। ସ୍କୁଲ କୋଠା ନିର୍ମାଣ ପାଇଁ ଅନୁଦାନ ଆସିଛି ଓ ଟେଣ୍ଡର ପ୍ରକ୍ରିୟାରେ ଥିବା କେବଳ ଶୁଣିବାକୁ ମିଳୁଛି। ଏଣେ ପିଇଓ କ୍ୱାଟର ଓ କଲ୍ୟାଣ ମଣ୍ଡପରେ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଠେଲାପେଲା ହୋଇ ଅଧ୍ୟୟନ କରିଆସୁଛନ୍ତି। ଏନେଇ ସ୍କୁଲ ପରିଚାଳନା କମିଟି ଓ ଛାତ୍ର ଛାତ୍ରୀମାନଙ୍କ ଅବିଭାବକ ବିଭିନ୍ନ ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ଏମିତିକି କି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ତଥାପି କୌଣସି ସମାଧାନ ହୋଇପାରି ନାହିଁ। ତେଣୁ ଛାତ୍ରଛାତ୍ରୀଙ୍କ ଅବିଭାବକ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଠାରୁ ଛାତ୍ରଛାତ୍ରୀଙ୍କ ଅବିଭାବକ ସେମାନଙ୍କ ପିଲାମାନଙ୍କୁ ଆଉ ସ୍କୁଲ ପଠାଉ ନାହାଁନ୍ତି। ଯାହା ଫଳରେ ସ୍କୁଲରେ ଗୋଟିଏ ହେଲେ ମଧ୍ୟ ଛାତ୍ରଛାତ୍ରୀ ଆସୁ ନାହାନ୍ତି। ଏନେଇ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଭିକାରୀ ତାଣ୍ଡିଙ୍କୁ ପଚାରିବାରୁ ଏ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ସେହିପରି କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ପଚାରିବାରୁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଅଭିଯୋଗ ଦେଇଛନ୍ତି। କିନ୍ତୁ ସେମାନେ ହଠାତ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପଠାଉ ନଥିବା ଆପଣଙ୍କ ଠାରୁ ଜାଣିବାକୁ ପାଉଛୁ, ଆମେ ସେମାନଙ୍କ ସହିତ ଶୀଘ୍ର ଆଲୋଚନା କରୁଛୁ ବୋଲି କହିଛନ୍ତି।

# ଫିଟୁଛି ବେଆଇନ ଟ୍ରକ୍ ପାର୍କିଂ ସିଣ୍ଡିକେଟ୍ ଗୁମର

ବ୍ରଜରାଜନଗର,୨୪।୩(ସମିସ)



**ସନ୍ଦେହ ଘେରରେ ପୌର କର୍ତ୍ତୃପକ୍ଷ**

ବ୍ରଜରାଜନଗରରେ ସରକାରୀ ଜମି ଉପରେ ଚାଲୁଥିବା ବେଆଇନ ପାର୍କିଂ ସିଣ୍ଡିକେଟ୍‌ର ଗୁମର ଫିଟିଛି। ରାଜପଥ-୪୯ ଠାରୁ ୯ ନମ୍ବର ଛକ ଦେଇ କୋଇଲା ଖଣିକୁ ଯାଉଥିବା ବାଇପାସ୍ ରାସ୍ତା ପାଖରେ ପ୍ରାୟ ତିନି ଚାରି ଏକର ସରକାରୀ ଜମି ରହିଛି। ଏହା ଉପରେ ବେଆଇନ୍ ପାର୍କିଂୟାର୍ଡ ଦୀର୍ଘଦିନ ଧରି ପୌର ଅଧିକାରୀ ମାନଙ୍କ ସୁରକ୍ଷାରେ ଚାଲୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ, ଏଠାରେ ରହୁଥିବା ପ୍ରତ୍ୟେକ ଟ୍ରକରୁ ୩୦ ଟଙ୍କା ଲେଖାଁ ବେଆଇନ୍ ଦେୟ ଆଦାୟ କରାଯାଉଛି। ଏତେ ଦିନ ଧରି ଖୋଲାଖୋଲି ଏହି ବେଆଇନ୍ କାରୋବାର ଚାଲୁଥିବା ସତ୍ତ୍ୱେ ପୌର କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏଣୁ ସେମାନଙ୍କ ଭୂମିକା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଶନିବାର ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ଫ୍ଲାଏଆସ୍ ଦ୍ୱାରା ଜମି ସମତଳ କରୁଥିବା ଏକ ହାଇୱାକୁ ଜବତ କରିଥିଲେ। ଏହାପରେ ସମଗ୍ର ଅଞ୍ଚଳରେ ପାର୍କିଂ ସିଣ୍ଡିକେଟ୍ ନେଇ ବିବାଦ ମୁଣ୍ଡ ଟେକିଛି। ତହସିଲଦାର କହିଛନ୍ତି ଯେ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ଘଟଣାର ଯାଞ୍ଚ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରାହେବ। ସେହିପରି ବେଆଇନ୍ ପାର୍କିଂରେ ଥିବା ଗାଡିମାନଙ୍କୁ ନୋଟିସ୍ ଜାରି କରି ଶୀଘ୍ର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ସେ କହିଛନ୍ତି। ଓରିଆଣ୍ଟ ଥାନାଧିକାରୀ କ୍ଷମା ସାଗର ନାୟକ ମଧ ଏହି ବେଆଇନ୍ ପାର୍କିଂକୁ ଆଇନଶୃଙ୍ଖଳା ପାଇଁ ଗୁରୁତର ସମସ୍ୟା ବୋଲି କହିଛନ୍ତି। ଏପରି ଅବ୍ୟବସ୍ଥିତ ପାର୍କିଂ ଫଳରେ ଡିଜେଲ ଓ ବ୍ୟାଟେରୀ ଚୋରି ଘଟଣା ବଢୁଥିବା ପୁଲିସ ପାଇଁ ଚିନ୍ତାର କାରଣ ସାଜିଥିବା ସେ କହିଛନ୍ତି। ଏପଟେ ରାଜସ୍ୱ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ କଠୋର ନିର୍ଦ୍ଦେଶ ଥିଲେ ମଧ ପୌର କର୍ତ୍ତୃପକ୍ଷ ମାନଙ୍କ ନିଷ୍କ୍ରିୟତା ସନ୍ଦେହ ସୃଷ୍ଟି କରିଛି। ବେଆଇନ୍ ପାର୍କିଂ ଓ ସେଥିରୁ ଦେୟ ଆଦାୟ ସିଣ୍ଡିକେଟ୍ ବର୍ଷ ବର୍ଷ ଧରି ନିର୍ଭୀକ ଭାବେ ଚାଲୁଥିବାରୁ ପୌର କର୍ତ୍ତୃପକ୍ଷ ଏଥିରେ ସାମିଲ ଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ପ୍ରଶାସନର ସଜାଗ ହୋଇଥିବାରୁ ବେଆଇନ୍ ପାର୍କିଂ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିବା ନେଇ ଆଶା ସୃଷ୍ଟି ହୋଇଛି। ଏହା ସହିତ ଦାୟୀ ଅଧିକାରୀମାନଙ୍କ ଭୂମିକା ତଦନ୍ତ ପରିସରଭୁକ୍ତ କରିବାକୁ ମତ ପ୍ରକାଶ ପାଇଛି।

## ଜନଗଣନା-୨୦୨୭ ପାଇଁ ପ୍ରଶିକ୍ଷଣ



ଦେବଗଡ଼,୨୪।୩(ସମିସ): ଜନଗଣନା ୨୦୨୭କୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ ଦେବଗଡ଼ ପ୍ରଶାସନ ପକ୍ଷରୁ ଜିଲ୍ଲା ଓ ବ୍ଲକ୍‌ର ଶିକ୍ଷକ ମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୨୪ରୁ ୨୬ ପର୍ଯ୍ୟନ୍ତ ଚାଲିବ। ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆଦର୍ଶ ମହାବିଦ୍ୟାଳୟର ୨ଟି କ୍ଲାସରୁମରେ ଶିବିର ଆରମ୍ଭ ହୋଇଛି। ୧୦୦ ଜଣ ଶିକ୍ଷକ, ଏନୁମେରେଟର୍ ଓ ସୁପରଭାଇଜର୍ ମାନଙ୍କୁ ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ ସହ ଅନ୍ୟାନ୍ୟ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ମାଷ୍ଟର୍ ଟ୍ରେନର ଡେପୁଟୀ କଲେକ୍ଟର ମୁକେଶ ଭୋଇ, ସୌମ୍ୟା ସୁଚିସ୍ମିତା, କଳିଙ୍ଗ ଆଶିଷ ଶତପଥୀ, ଅତିରିକ୍ତ ତହସିଲଦାର ଦୟାଲ ଓମ୍ ପ୍ରକାଶ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସତର୍କତା ଓ ଦାୟିତ୍ୱ ବୋଧ ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ସଠିକ୍‌ତା ଓ ସ୍ୱଚ୍ଛତା ପୂର୍ବକ ସମ୍ପାଦନା କରିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## କ୍ରିକେଟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା,୨୪।୩(ସମିସ)



**ଏପ୍ରିଲ ୩୦ ସୁଦ୍ଧା ସ୍ୱିମିଂପୁଲ୍ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ**

ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମ ପରିସର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଷ୍ଟାଡିୟମ ପରିସରରେ ନିର୍ମାଣାଧୀନ ଅତ୍ୟାଧୁନିକ ସ୍ୱିମିଂପୁଲର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ନିର୍ମାଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ସ୍ୱିମିଂପୁଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କ୍ରୀଡାବିତ୍ ଏବଂ ଜନସାଧାରଣ ଖୁବଶୀଘ୍ର ଏହାର ଲାଭ ଉଠାଇପାରିବେ। ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମକୁ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରାଙ୍ଗଣ ଭାବେ ଗଢ଼ିତୋଳିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବିଶିଷ୍ଟ କ୍ରୀଡା ଭିତ୍ତିଭୂମି ବିକାଶ ସଂସ୍ଥା ଏଲ୍‌ଆର ବ୍ରଦର୍ସକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଂସ୍ଥା ମୁମ୍ବାଇର ପ୍ରସିଦ୍ଧ ୱାଙ୍ଖେଡେ ଷ୍ଟାଡିୟମର ପରିଚାଳନା ଦାୟିତ୍ୱରେ ମଧ ରହିଛି।

**ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା**

## ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ

ଦେବଗଡ଼,୨୪।୩(ସମିସ)



କୁଣ୍ଢେଇଗୋଲା ଥାନା ଖଇରପାଲି ଫାଣ୍ଡି ଅଧୀନ ମହ୍ଲାରବାହାଲ ଗାଁର ଏକ ଧାନବିଲରୁ ଗତକାଲି ଉଦ୍ଧାର ହୋଇଥିବା ମହିଳା ଲକ୍ଷ୍ମୀପ୍ରିୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆଜି ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ଏହାପରେ ବ୍ୟବଚ୍ଛେଦ ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଗତକାଲି ଠାରୁ ପୁଲିସ ଦ୍ୱାରା ଅଟକ ଥିବା ମୃତା ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଯଶୋବନ୍ତ ସାହୁଙ୍କୁ ଆଜି ମଧ ପଚରା ଉଚରା ଜାରି ରହିଛି। ଗତକାଲି ମଧ୍ୟାହ୍ନରେ ମହ୍ଲାରବାହାଲ ପୋଖରୀ ନିକଟସ୍ଥ ଏକ ଧାନ ବିଲରେ ଲକ୍ଷ୍ମୀପ୍ରିୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିଲା। କେତେକ ଛେଳି ଚରାଳି ମୃତଦେହକୁ ପ୍ରଥମେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ସ୍ୱାମୀ ଯଶୋବନ୍ତଙ୍କ ଦ୍ୱାରା ମୃତଦେହ ଚିହ୍ନଟ କରିଥିଲା। ଖବର ପାଇ ମୃତ ଲକ୍ଷ୍ମୀପ୍ରିୟାଙ୍କ ଭାଇ ଭୁଲକାବାହାଲ ଗାଁର ମୁରଲୀ ଧର ସାହୁ ପୁଲିସକୁ ଲିଖିତ ଏତଲା ଦେଇଥିଲେ। ଯଶୋବନ୍ତ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ମାଡ ମାରୁଥିବା ଗ୍ରାମବାସୀ ମାନେ ପୁଲିସ ନିକଟରେ ପ୍ରକାଶ କରିଥିଲେ। ଏଥିରୁ ଯଶୋବନ୍ତ ଉପରେ ସନ୍ଦେହ ଜାତ ହୋଇଥିଲା। ପୁଣି ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଯଶୋବନ୍ତଙ୍କ କଥାରେ ତାଳମେଳ ରହୁ ନଥିବାରୁ ପୁଲିସ ଅଧିକ ପଚରାଉଚରା ନିମନ୍ତେ ଯଶୋବନ୍ତଙ୍କୁ ଥାନାକୁ ନେଇଥିଲା। ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ତଦାରଖ କରିଥିଲେ। ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମକୁ ଡକାଯାଇଥିଲା। ଆଜି ସାଇଣ୍ଟିଫିକ ଟିମ୍ ପହଞ୍ଚିକୁ ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି।

## ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସହିଦ ଦିବସ

କୋଲାବିରା,୨୪।୩(ସମିସ): ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ କୋଲାବିରା ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ସହିଦ ଦିବସ ପାଳିତ ହୋଇଯାଇଛି। ଏଥିରେ ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ପ୍ରବୀଣ ସାହୁ, ଦ୍ୱିବେନ୍ଦୁ ଦାସ୍, ପ୍ରଦ୍ୟୁମ୍ନ ପରୋହିତ, ସ୍ମୃତିରଞ୍ଜନ ରାଏ, ଯୋଗେନ୍ଦ୍ର ରାଏ ପ୍ରମୁଖ ଯୋଗ ଦେଇଥିଲେ। ୧୯୩୧ ମାର୍ଚ୍ଚ ୨୩ ତାରିଖ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ସୁଖଦେବ ଥାପର ଓ ଶିବରାମ ରାଜଗୁରୁଙ୍କ ବଳିଦାନକୁ ସ୍ମୃତିଚାରଣ କରିଥିଲେ। ସେହିଦିନ ଠାରୁ ମାର୍ଚ୍ଚ ୨୩କୁ ସହିଦ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି। ମୁଖ୍ୟବକ୍ତା ଭାବେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସେମାନଙ୍କ ବଳିଦାନ କଥା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର ଝଙ୍କାର ସାହିତ୍ୟ ସଂସଦର ସମ୍ପାଦକ ପିଙ୍କୁ ଦାସ, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଦିଳିପ ସେନାପତି ତଥା ସଂସଦର ସଭ୍ୟଗଣ ଉପସ୍ଥିତ ଥିଲେ।

## ଝାରମୁଣ୍ଡାରେ ୧୬ ପ୍ରହର ନାମଯଜ୍ଞ

ଝାରସୁଗୁଡ଼ା,୨୪।୩(ସମିସ): ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ଝାରମୁଣ୍ଡାରେ ୧୪ତମ ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପୂଜକ ସହଦେବ ମିଶ୍ର, ଯଜ୍ଞକର୍ତ୍ତା ସୁନିଲ ଠାକୁର ପତ୍ନୀ ଚୁମକି ଠାକୁର, ଷଡ଼ବୈଷ୍ଣବ ଚିତାନନ୍ଦ ଠାକୁର, ଜୟକୃଷ୍ଣ ହବର୍ଶି, ଗଜେନ୍ଦ୍ର ରାଉତ, ଲିଙ୍ଗରାଜ ଭୋଇ, ଦେବ ଠାକୁର, ଓମ ଠାକୁରଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ କୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀରୁ କଳସରେ ଜଳ ଭରି ଯଜ୍ଞମଣ୍ଡପ ନିକଟକୁ ଅଣିଥିଲେ। ପରେ ଶୁଭଅଧିବାସ କରାଯାଇଥିଲା। ରବିବାର ଅଖଣ୍ଡ ନାମ ଗାନ କରାଯାଇଥିଲା। ଆଜି ପୂର୍ଣ୍ଣାହୁତି, ଆଳତି, ନାମସମାପନ, ହରିବୋଲ, ନଗର ଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, କଳସ ବିସର୍ଜନ ପରେ ମହାପ୍ରସାଦ ସେବନ କରାଯାଇଥିଲା। ନାମଯଜ୍ଞରେ ସିଂହାଇପାଲି, ବିଶିଭକ୍ରା, ଚାରପାଲି ସ୍କୁଲପଡା, ବିଶିଉକ୍ରା, କଣ୍ଡାପାଲି, ରେଙ୍ଗାଲି ପୁରୁଣା ବସ୍ତି, ପଣ୍ଡଲୋଇ, ଦେବେଇପାଲି, ଶରଧା ପାଲି, ପୁଡ଼ିପାଲି, କେଉଁଟଡିହି ଗାଁର କିର୍ତ୍ତନ ମଣ୍ଡଳୀ ନାମ ଗାନ ସମେତ ନଗର ଭ୍ରମଣ କରିଥିଲେ। ଆୟୋଜକ ଅଶୋକ ରାଏ, ପ୍ରେମଚାନ୍ଦ ଠାକୁର, ରମାକାନ୍ତ ଠାକୁର, ଭବାନୀ ରାଉତ, ଲିଙ୍ଗରାଜ ଭୋଇ, ବସନ୍ତ ରାଉତ, ରାଜ ଠାକୁର, ମୋହନ ଠାକୁର, ଜ୍ୟୋତିସୂର୍ଯ୍ୟ ଠାକୁର, ମହେନ୍ଦ୍ର ଭୋଇ, ପ୍ରତାପ ଭୋଇ, ଦୁର୍ଗା ସିଂହ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମେଗା ନିଯୁକ୍ତି ମେଳା

ଝାରସୁଗୁଡ଼ା,୨୪।୩(ସମିସ): ଜିଲ୍ଲାର ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମଏଫ କନଫରେନ୍ସ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷିତ ଯୁବକଯୁବତୀ ଯୋଗ ଦେଇଥିଲେ। ମୋଟ ୫ଟି ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କର ଯୋଗ୍ୟତା ଭିତ୍ତିରେ ସାକ୍ଷାତକାର ଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ସମୁଦାୟ ୧୧୬ ଜଣ ଆଶାୟୀ ପ୍ରାର୍ଥୀ ପହଞ୍ଚି ନିଜର ପଞ୍ଜୀକରଣ କରିବା ସହ ବିଭିନ୍ନ ପଦବୀ ପାଇଁ ସାକ୍ଷାତକାର ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୩୫ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ କମ୍ପାନୀଗୁଡିକ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଚୟନ ପ୍ରକ୍ରିୟାର ଚୂଡାନ୍ତ ତାଲିକା ଆସନ୍ତା ଏକ ସପ୍ତାହ ମଧ୍ୟରେ ପ୍ରକାଶ ପାଇବ ବୋଲି ସୂଚନା ରହିଛି।

**● ସାବତ ପୁଅକୁ ହତ୍ୟା ଘଟଣା**

## ଅଭିଯୁକ୍ତ ପିତାକୁ ଆଜୀବନ ଜେଲ୍

ଦେବଗଡ଼,୨୪।୩(ସମିସ): ଦେବଗଡ଼ ଜିଲ୍ଲା ଓ ଦୌରାଜଜ ଦେବାଶିଷ ରାଉତ ମଙ୍ଗଳବାର ୨୦୨୧ର ବାରକୋଟ ଥାନାଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଅର୍ଥଦଣ୍ଡାଦେଶ ମଧ ଶୁଣାଇଛନ୍ତି। ବାରକୋଟ ଥାନାଞ୍ଚଳର ମଲି ମୁଣ୍ଡା ନାମ୍ନୀ ଜଣେ ମହିଳା ତାଙ୍କର ପ୍ରଥମ ସ୍ୱାମୀଙ୍କ ମୃତ୍ୟୁପରେ ଔତଳ ଗାଁର ତ୍ରିବନ ମୁଣ୍ଡାକୁ ଦ୍ୱିତୀୟ ବିବାହ କରିବା ସହ ନିଜର ଏକମାତ୍ର ପୁଅ (ପ୍ରଥମ ସ୍ୱାମୀଙ୍କ ଔରସରୁ ଜନ୍ମିତ ପୁତ୍ର) ରବି ମୁଣ୍ଡାଙ୍କ ସହିତ ଏକାଠି ରହୁଥିଲେ। ତେବେ ବିବାହ ପରେ ତ୍ରିବନ ବିଭିନ୍ନ ସମୟରେ ସ୍ତ୍ରୀ ମଲିଙ୍କ ସହ ଝଗଡା କରୁଥିଲେ। ମଲିଙ୍କ ପୁଅ ରବି ଏହାର ପ୍ରତିବାଦ କରି ଆସୁଥିଲେ। ଏହି କ୍ରମରେ ଗତ ୨୦୨୧ ଡିସେମ୍ବର ୫ ରାତିରେ ତ୍ରିବନ ସ୍ତ୍ରୀ ମଲି ଓ ସାବତ ପୁଅ ରବି ସହିତ ଝଗଡା କରିଥିଲା। ଏହାପରେ ରବିକୁ ଏକ କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରିଥିଲା। ଏଥିରେ ରବି ଗୁରୁତର ଆହତ ହୋଇଥିଲା ଏବଂ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ତ୍ରିବନ ବିରୁଦ୍ଧରେ ଏକ ହତ୍ୟା ମାମଲା ରୁଜୁ ହେବାସହ ତାକୁ ଗିରଫ କରି କୋର୍ଟ ଚାଲାଣ କରାହୋଇଥିଲା। ବାରକୋଟ ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ କନକ ମାଝୀ ଘଟଣାର ତଦନ୍ତ କରି ତା' ବିରୁଦ୍ଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ମାମଲା ବିଚାରାଧିନ ଥିବା ବେଳେ ତ୍ରିବନ ବିରୁଦ୍ଧରେ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଆଜି ଜିଲ୍ଲା ଓ ଦୌରାଜଜ ମାମଲାର ରାୟ ପ୍ରକାଶ କରି ତାକୁ ଆଜୀବନ କାରାଦଣ୍ଡାଦେଶ ଓ ୫ ହଜାର ଟଙ୍କାର ଅର୍ଥଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ନଦେଲେ ଅତିରିକ୍ତ ୬ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର ମାମଲାଟିକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଅଭିଯୋକ୍ଷଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ମାମଲାର ବିଚାର କରାଯାଇଥିଲା।

## ଦୋକାନ ବାରଣ୍ଡାରେ ଟଳିପଡ଼ିଲେ ଫେରିବାଲା

କୋଲାବିରା,୨୪।୩(ସମିସ): କୋଲାବିରା ବ୍ଲକ୍ ଅଞ୍ଚଳର ଜଣେ ଫେରିବାଲା ବାଇକ ସଜାଡିବାକୁ ଆସି ଦୋକାନ ବାରଣ୍ଡାରେ ବସିଥିବା ସମୟରେ ହଠାତ ଟଳିପଡି ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ମୃତକ ଫିରୋଜ ଶେଖ୍ (୫୯) ବଙ୍ଗଳାର ମେଦିନାପୁରର ମୂଳ ବାସିନ୍ଦା ବୋଲି ପରିଚୟ ମିଳିଛି। ସେ କୋଲାବିରା ଥାନା ଅଧୀନ ପୋଖରାସାହ୍ଲେ ଗ୍ରାମରେ ଭଡା ଘରେ ରହି ଫେରିକାମ କରି ଚଳୁଥିଲେ। ରବିବାର ସଂଧ୍ୟାରେ ଏକ ଗ୍ୟାରେଜରେ ନିଜ ମୋପେଡ ଗାଡିକୁ ସଜାଡିବାକୁ ଆସିଥିଲେ। ମରାମତି ସରିବାକୁ ଅପେକ୍ଷା କରି ସେହି ଦୋକାନ ବାରଣ୍ଡାରେ ବସିଥିଲେ। ମାତ୍ର କିଛି ସମୟ ପରେ ହଠାତ୍ ସେ ଟଳିପଡିଥିଲେ। ଘଟଣା ସ୍ଥଳରେ ହିଁ ଫିରୋଜଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ସ୍ଥାନୀୟ ଲୋକେ କୋଲାବିରା ଥାନାକୁ ସୂଚନା ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ପରିବାର ଲୋକଙ୍କୁ ଖବର ଦେଇଛି। ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡି ନଥିଲେ ହେଁ ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି।

## ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ



ଦେବଗଡ଼,୨୪।୩(ସମିସ): ନୂତନ ଚିକିତ୍ସାଳୟ ସଭା ଗୃହ ଠାରେ ମଙ୍ଗଳବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଧନୁର୍ଜୟ ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଡା.ମନୋରଞ୍ଜନ ସାମଲ, ଡା.ପ୍ରଭାତ ଓଝା ଓ ଡା.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଯକ୍ଷ୍ମାରୋଗ ଏହାର ଲକ୍ଷଣ ଓ ନିରାକରଣ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ବୈଠକ ପୂର୍ବରୁ ସକାଳେ ନର୍ସିଂ ଛାତ୍ରୀଙ୍କୁ ନେଇ ଏକ ଯକ୍ଷ୍ମା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବୈଠକରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଅମରେଶ ଶତପଥୀ ସଂଯୋଜନା କରିଥିଲେ।

## କୋଲାବିରାରେ ବଳିଦାନ ଦିବସ

କୋଲାବିରା,୨୪।୩(ସମିସ): ବଳିଦାନ ଦିବସ ଅବସରରେ ଦେଶରେ ସହିଦ୍ ଭଗତ୍ ସିଂ, ରାଜଗୁରୁ ଏବଂ ସୁଖଦେବଙ୍କ ସାହସ ତଥା ବଳିଦାନକୁ ମନେପକେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ କୋଲାବିରା ବ୍ଲକ୍ ଅଧୀନ କୁଲିହାମାଲ ଗାଁରେ ଶ୍ରମଦାନ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମେରା ଯୁବା ଭାରତ ଝାରସୁଗୁଡା ଆନୁକୂଲ୍ୟରେ ପଣ୍ଡକିମାଲ ଟାଇଗର କ୍ଲବ୍ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ବିନୋଦିନୀ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗାଁର ମିଶନ ଶକ୍ତି ଗୃହଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ବାହାରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଲୁକେଶ୍ୱର କିଷାନ, ସମ୍ପାଦକ ଭାଗିରଥି କିଷାନ, ସଭ୍ୟ ମୁକ୍ତେଶ୍ୱର କିଷାନ, ଇନ୍ଦ୍ରଜିତ କିଷାନଙ୍କ ସମେତ ଅଞ୍ଚଳର ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ବଳିଦାନ ଦିବସରେ ସହିଦଙ୍କ ସ୍ମୃତିଚାରଣ କରିବା ସହିତ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇଥିଲେ।

## ଟ୍ରାଫିକ୍ ସୁଧାର ପାଇଁ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ



**ବେଆଇନ ପାର୍କିଂ କଲେ ଜରିମାନା**

ଝାରସୁଗୁଡ଼ା,୨୪।୩(ସମିସ): ସହରର ପରିମଳ ସେବା ଏବଂ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ ଓ ଅନୁଧ୍ୟାନ କରିଛନ୍ତି। ସହରର ମୁଖ୍ୟ ରାସ୍ତାଗୁଡିକରେ ବେଆଇନ ଜବରଦଖଲ ଓ ଅବ୍ୟବସ୍ଥିତ ପାର୍କିଂ ଯୋଗୁଁ ସାଧାରଣ ଜନତା ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଜିଲ୍ଲାପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମୟରେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ଏବଂ ସହକାରୀ ଆରଟିଓ ଉପସ୍ଥିତ ଥିଲେ। ସହରର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ କିଷାନ ଚୌକରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ବେଆଇନ ଜବରଦଖଲକୁ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଉପରେ କୌଣସି ପ୍ରକାର ଅସ୍ଥାୟୀ ନିର୍ମାଣ ଯାତାୟାତରେ ବାଧା ସୃଷ୍ଟି ନକରିବା ପାଇଁ ସୁନିଶ୍ଚିତ କରିବାକୁ ସେ ପୌରପାଳିକା କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହାବ୍ୟତୀତ, ଟ୍ରାଫିକ ଶୃଙ୍ଖଳା ରକ୍ଷା କରିବା ପାଇଁ ବେଆଇନ ପାର୍କିଂ ଏବଂ ରାସ୍ତା ଉପରେ ଚାଲୁଥିବା ବିଭିନ୍ନ ଗ୍ୟାରେଜଗୁଡିକ ଉପରେ କଡା ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ କରୁଥିବା ଗାଡି ଓ ଗ୍ୟାରେଜ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଆଦାୟ କରିବାକୁ ସେ ସହକାରୀ ଆରଟିଓଙ୍କୁ ପରାମର୍ଶ ଦେଇଛନ୍ତି। ସହରର ପ୍ରତିଟି କୋଣରେ ପରିମଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ରଖିବା ସହ ନିୟମିତ ସଫେଇ କାର୍ଯ୍ୟ ଜାରି ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

## ରାଜ୍ୟସ୍ତରୀୟ ଟେକ୍ନୋମାନିଆ ୩.୦ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୪।୩(ସମିସ)

**ରୋବୋଟିକସ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ**




ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଷ୍ଟୁଡେଣ୍ଟ ଚାପ୍ଟର ତରଫରୁ ରାଜ୍ୟ ସ୍ତରୀୟ ଦୁଇ ଦିନିଆ ଟେକଫେଷ୍ଟ 'ଟେକ୍ନୋମାନିଆ ୩.୦' ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଅଧକ୍ଷା ରିନତା ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଆଶିଷ ଲେଙ୍କା ଏବଂ ଆଦାନୀ ତଲାବିରା ମାଇନ୍ସର ମାନବ ସମ୍ବଳ ମୁଖ୍ୟ ପ୍ରଭାକର ସିଂ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଗାମୀ ଦିନରେ ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ନେଇ ଏଭଳି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁସ୍ଥ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି କରିବ ବୋଲି କହିଥିଲେ। ଟେକ୍ନୋଲୋଜି ମାଧ୍ୟମରେ କିଭଳି ନିଜର ଭବିଷ୍ୟତ ଉଜ୍ଜ୍ୱଳମୟ କରିହେବ, ସେନେଇ ଛାତ୍ରଛାତ୍ରୀଙ୍କୁ ସେ ଅବଗତ କରାଇଥିଲେ। ମହୋତ୍ସବରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ପଲିଟେକନିକ୍ ଅନୁଷ୍ଠାନର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଭିଲ୍ ବିଭାଗର ମୁଖ୍ୟ ତଥା ଇଭେଣ୍ଟ କୋର୍ଡିନେଟର ଅମିତ ସାହୁ କାର୍ଯ୍ୟକ୍ରମର ୫ଟି ମୁଖ୍ୟ ପ୍ରତିଯୋଗିତା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ସହ ନୂତନ ଉଦ୍ଭାବନ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। ସମାରୋହରେ ଆଇଟି ବିଭାଗ ମୁଖ୍ୟ ଡ.ଅନିତା ବ୍ରହ୍ମା ଏବଂ ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ଅଷ୍ଟମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

